# 21st Meeting of SCO Council of Heads of State in Dushanbe, Tajikistan

September 15, 2021

## ତାଜିକିସ୍ତାନର ଦୁଶାନବେଠାରେ ଏସସିଓ ରାଷ୍ଟ୍ର ମୁଖ୍ୟମାନଙ୍କ ପରିଷଦର 21ତମ ବୈଠକ

**ସେପ୍ଟେମ୍ବର 15, 2021**

1. ଏସସିଓ ରାଷ୍ଟ୍ର ମୁଖ୍ୟମାନଙ୍କ ପରିଷଦର 21ତମ ବୈଠକ 17 ସେପ୍ଟେମ୍ବର 2021 ରେ ଦୁଶାନବେଠାରେ ହାଇବ୍ରିଡ୍ ଫର୍ମାଟରେ ଅନୁଷ୍ଠିତ ହେବ। ଏହି ବୈଠକରେ ତାଜିକିସ୍ତାନର ରାଷ୍ଟ୍ରପତି ମାନ୍ୟବର ଇମୋମାଲି ରହମାନ ଅଧ୍ୟକ୍ଷତା କରିବେ। ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଭାରତୀୟ ପ୍ରତିନିଧୀ ଦଳର ନେତୃତ୍ୱ ନେବେ ଏବଂ ଭିଡିଓ ଲିଙ୍କ ଜରିଆରେ ଏହି ସମ୍ମିଳନୀର ସାଧାରଣ ଅଧିବେଶନକୁ ସମ୍ବୋଧିତ କରିବେ। ଦୁଶାନବେରେ ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍ ଜୟଶଙ୍କର ଭାରତର ପ୍ରତିନିଧିତ୍ୱ କରିବେ।

2. ଏସସିଓ ସମ୍ମିଳନୀରେ ଏସସିଓ ସଦସ୍ୟ ରାଷ୍ଟ୍ରମାନଙ୍କର ନେତାମାନେ, ପର୍ଯ୍ୟବେକ୍ଷକ ରାଷ୍ଟ୍ର, ଏସସିଓର ମହାସଚିବ, ଏସସିଓ ଆଞ୍ଚଳିକ ଆତଙ୍କବାଦ ବିରୋଧୀ ସଂରଚନା (ଆରଏଟିଏସ) ର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ, ତୁର୍କମେନିସ୍ତାନର ରାଷ୍ଟ୍ରପତି ଏବଂ ଅନ୍ୟାନ୍ୟ ଆମନ୍ତ୍ରିତ ଅତିଥିମାନେ ଯୋଗଦେବେ।

3. ଏହା ହେଉଛି ହାଇବ୍ରିଡ୍ ଫର୍ମାଟରେ ଆୟୋଜିତ ହେଉଥିବା ପ୍ରଥମ ଏସସିଓ ସମ୍ମିଳନୀ ଏବଂ ଚତୁର୍ଥ ସମ୍ମିଳନୀ ଯେଉଁଥିରେ ଭାରତ ଏସସିଓର ଜଣେ ପୂର୍ଣ୍ଣ ସଦସ୍ୟ ଭାବରେ ଅଂଶଗ୍ରହଣ କରିବ। ଚଳିତ ବର୍ଷ ଏସସିଓର 20 ତମ ବାର୍ଷିକୀ ପାଳିତ ହେଉଥିବାରୁ ଏହି ସମ୍ମିଳନୀର ଗୁରୁତ୍ୱ ରହିଛି। ଏହି ସମ୍ମିଳନୀରେ ନେତୃବର୍ଗ ଗତ ଦୁଇ ଦଶନ୍ଧି ମଧ୍ୟରେ ସଂଗଠନର କାର୍ଯ୍ୟକଳାପ ସମୀକ୍ଷା କରିବେ ତଥା ସାମ୍ପ୍ରତିକ ପରିସ୍ଥିତି ଏବଂ ଭବିଷ୍ୟତ ସହଯୋଗ ବିଷୟରେ ଆଲୋଚନା କରିବେ ବୋଲି ଆଶା କରାଯାଉଛି। ଗୁରୁତ୍ୱପୂର୍ଣ୍ଣ ଆଞ୍ଚଳିକ ଏବଂ ଆନ୍ତର୍ଜାତିକ ପ୍ରସଙ୍ଗଗୁଡ଼ିକ ମଧ୍ୟ ଆଲୋଚନା ହେବାର ଆଶା କରାଯାଉଛି।

**ନୂଆଦିଲ୍ଲୀ**

**ସେପ୍ଟେମ୍ବର 15, 2021**

DISCLAIMER: This is an approximate translation. The original is available in English on MEA's website and may be referred to as the official press release.